# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୭୨ (ଓଡ଼ିଆ ବୁଲେଟିନ୍) ସପ୍ତାହ – ୩୬ ତାରିଖ: ୦୮.୦୯.୨୦୨୬

## ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

## ଜିଲ୍ଲା – ବରଗଡ଼

### ବିଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ତଥ୍ୟ (୦୨.୦୯.୨୦୨୬ ରୁ ୦୮.୦୯.୨୦୨୬)

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ବୃଷ୍ଟିପାତ (ମିଲି ମିଟର) |
|---|---|---|
| **31** | **24** | **14.0** |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୦୯-୦୯-୨୦୨୬ | ୧୦-୦୯-୨୦୨୬ | ୧୧-୦୯-୨୦୨୬ | ୧୨-୦୯-୨୦୨୬ | ୧୩-୦୯-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 7 | 6 | 6 | 7 | 7 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 34 | 34 | 33 | 33 | 33 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 24 | 24 | 25 | 25 | 25 |
| ମେଘ ଆବରଣ(ଓକଟା) | 4 | 4 | 4 | 4 | 4 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 91 | 93 | 93 | 92 | 95 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 63 | 63 | 68 | 71 | 70 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 10 | 10 | 8 | 7 | 8 |
| ପବନର ଦିଗ (ଡିଗ୍ରୀ) | 256 | 272 | 289 | 342 | 61 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ କିଛି ସ୍ଥାନରେ ହାଲୁକା ବର୍ଷା ହେବା ସହିତ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିପାରେ । ଆଗାମୀ ଦିନଗୁଡ଼ିକରେ ଉଭୟ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ବଡ଼ ପରିବର୍ତ୍ତନ ଦେଖାଯିବାର ସମ୍ଭାବନା ନାହିଁ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆପେକ୍ଷିକ ଆର୍ଦ୍ରତା ଅଧିକ ରହିବା ସହିତ ଘଣ୍ଟା ପ୍ରତି ୦୭ ରୁ ୧୦ କି.ମି. ବେଗରେ ଦକ୍ଷିଣ-ପଶ୍ଚିମ, ଉତ୍ତର-ପଶ୍ଚିମ ଓ ଉତ୍ତର-ପୂର୍ବ ଦିଗରୁ ପବନ ବହିବାର ପୂର୍ବାନୁମାନ କରାଯାଇଅଛି ।

**ଚେତାବନୀ:** ପ୍ରଥମ ଦିନରେ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ, ଘଡ଼ଘଡ଼ି ସହିତ ଘଣ୍ଟା ପ୍ରତି ୩୦–୪୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଅଛି ।

### ସାଧାରଣ ଉପଦେଶ

- ପ୍ରଚଳିତ ଖରା ଓ ମେଘୁଆ ପାଗର ପରିବର୍ତ୍ତନଶୀଳ ପରିସ୍ଥିତିରେ, କୃଷକଭାଇମାନେ ନିୟମିତ ଭାବେ କୀଟପତଙ୍ଗର ନିରୀକ୍ଷଣ କରିବା ସହିତ ଜମିରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ସନ୍ତୁଳିତ ମୃତ୍ତିକା ଆର୍ଦ୍ରତା ବଜାୟ ରଖନ୍ତୁ ।
- ପର୍ଯ୍ୟାୟକ୍ରମେ ମେଘୁଆ ପାଗ ଏବଂ ଅଧିକ ଆର୍ଦ୍ରତା କୀଟପତଙ୍ଗ ଓ କବକଜନିତ ରୋଗର ଦ୍ରୁତ ବୃଦ୍ଧି ପାଇଁ ଅନୁକୂଳ ଅଟେ । ଉଷ୍ଣ, ଆର୍ଦ୍ର ଓ ମେଘୁଆ ପାଗରେ ଟମାଟୋ, ଭେଣ୍ଡି ଓ ବାଇଗଣ ଭଳି ପନିପରିବା ଫସଲରେ ଜଉ ପୋକ, ଉକୁଣିଆ ପୋକ ଓ ଫଳବିନ୍ଧା ପୋକର ଆକ୍ରମଣ ବଢ଼ିବାର ଦେଖାଦେଇପାରେ । ତେଣୁ କ୍ଷତିର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ ପାଇଁ ଚାଷୀଭାଇମାନେ ନିୟମିତ ଭାବେ କ୍ଷେତର ପରିଦର୍ଶନ କରୁଥାନ୍ତୁ ।
- ଠିଆ ଫସଲରେ ପର୍ଯ୍ୟାପ୍ତ ମୃତ୍ତିକା ଆର୍ଦ୍ରତା ବଜାୟ ରଖନ୍ତୁ । ହଠାତ୍ ବର୍ଷା ହେଲେ ଜମିରେ ପାଣି ଜମିବାକୁ ନଦେବା ପାଇଁ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।
- ସମସ୍ତ ପ୍ରକାର କୃଷି କାର୍ଯ୍ୟ କରିବା ସମୟରେ ଉଚିତ ସତର୍କତା ଅବଲମ୍ବନ କରନ୍ତୁ କାରଣ ଆସନ୍ତା ଦିନରେ ବଜ୍ରପାତ ସହିତ କିଛି ପରିମାଣର ବର୍ଷା ହେବାର ସମ୍ଭାବନା ରହିଅଛି । କୀଟନାଶକ କିମ୍ବା ଅନ୍ୟାନ୍ୟ ଔଷଧ ସିଞ୍ଚନ କେବଳ ସଫା ଓ ଶାନ୍ତ ପାଗକୁ ଦେଖି ହିଁ କରନ୍ତୁ ।

### ସଂକ୍ଷିପ୍ତ ଉପଦେଶ

- ବଜ୍ରପାତ/ଘଡ଼ଘଡ଼ି ସମୟରେ ଖୋଲା କ୍ଷେତରେ କାମ କରନ୍ତୁ ନାହିଁ ଏବଂ ପ୍ରବଳ ପବନରୁ ଗଛ ଭାଙ୍ଗିବାକୁ ରୋକିବା ପାଇଁ ଉଚ୍ଚ ଓ ଫଳ/କାନ୍ଧି ଧାରଣ କରିଥିବା

| ଗଛଗୁଡ଼ିକୁ ବାଉଁଶ କିମ୍ବା ଉପଯୁକ୍ତ ସାମଗ୍ରୀରେ ଭରା ଦିଅନ୍ତୁ । | | |
|---|---|---|

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ  ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ (ଖରିଫ) ଧାନ | ପିଲ ବାହାରିବା ଅବସ୍ଥା | • ଧାନ କ୍ଷେତରେ ହଳଦିଆ କାଣ୍ଡବିନ୍ଧା ପୋକ ଓ ପତ୍ରମୋଡ଼ା ପୋକ ନିରୀକ୍ଷଣ ପାଇଁ ଏକର ପ୍ରତି ୪–୫ଟି ଫେରୋମୋନ୍ ଫାଶ ସ୍ଥାପନ କରନ୍ତୁ ।<br>• ଫେରୋମୋନ୍ ଟ୍ରାପ୍‌ରେ ପୁରୁଷ ପୋକର ସଂଖ୍ୟା ୪–୫ଟି ପ୍ରତି ଟ୍ରାପ୍ ହେଲେ, ଉପଯୁକ୍ତ ନିୟନ୍ତ୍ରଣ ପଦକ୍ଷେପ ଭାବେ ଆଜାଡିରାକ୍ଟିନ୍ ୦.୧୫% (ନିମ୍ବ ମଞ୍ଜି କର୍ଣ୍ଣେଲ୍ ଆଧାରିତ ଇ.ସି. ଫର୍ମୁଲେସନ୍) @ ୮୦୦ ମି.ଲି./ଏକର, କ୍ଲୋରାନ୍ଟ୍ରାନିଲିପ୍ରୋଲ୍ ୧୮.୫% ଏସ୍.ସି. @ ୬୦ ମି.ଲି./ଏକର, ଟେଟ୍ରାନିଲିପ୍ରୋଲ୍ ୨୦୦ ଏସ୍.ସି. (୧୮.୧୮% w/w) @ ୧୦୦–୧୨୦ ମି.ଲି./ଏକର କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି. @ ୫୦ ଗ୍ରାମ୍/ଏକର ସିଞ୍ଚନ କରନ୍ତୁ ।<br>• ବିକଳ୍ପ ଭାବେ, କ୍ଲୋରାନ୍ଟ୍ରାନିଲିପ୍ରୋଲ୍ ୦.୪% ଜି.ଆର୍. @ ୪ କି.ଗ୍ରା./ଏକର କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ଜି. @ ୧୦ କି.ଗ୍ରା./ଏକର ବାଲି ସହ ୧:୧ ଅନୁପାତରେ ମିଶାଇ କ୍ଷେତରେ ପ୍ରୟୋଗ କରନ୍ତୁ । କୀଟନାଶକ ସିଞ୍ଚନ ପାଇଁ ଏକର ପ୍ରତି ପ୍ରାୟ ୨୦୦ ଲିଟର ପାଣି ବ୍ୟବହାର କରନ୍ତୁ । |
| ହରଡ଼ | ଅଙ୍ଗିୟ ଅବସ୍ଥା | • ପ୍ରଚଳିତ ଆଂଶିକ ମେଘୁଆ ଓ ଖରା ପାଗ ହରଡ଼ ଫସଲରେ ଛୁଇଁ ବା ଫଳ ବିନ୍ଧା ପୋକ (ହେଲିକୋଭର୍ପା), ଛୁଇଁମାଛି, ଜଉ ପୋକ ଓ ଅନ୍ୟାନ୍ୟ ରସ ଶୋଷକ କୀଟପତଙ୍ଗର ଆକ୍ରମଣ ପାଇଁ ଅନୁକୂଳ ହୋଇଥାଏ । ତେଣୁ କୃଷକମାନେ ଏହି କୀଟପତଙ୍ଗଗୁଡ଼ିକର ଆକ୍ରମଣ ପ୍ରତି ନିୟମିତ ଭାବେ ଫସଲର ନିରୀକ୍ଷଣ କରୁଥାନ୍ତୁ ।<br>• କ୍ଷେତରେ ଛୁଇଁବିନ୍ଧା ପୋକର ଆକ୍ରମଣ ନିରୀକ୍ଷଣ ପାଇଁ ଫେରୋମୋନ୍ ଟ୍ରାପ୍ ସ୍ଥାପନ କରି ନିୟମିତ ଭାବେ ରକ୍ଷଣାବେକ୍ଷଣ କରନ୍ତୁ ।<br>• ବିଶେଷକରି ଆର୍ଦ୍ରତା ରହୁଥିବା ସ୍ଥାନରେ ପତ୍ରଦାଗ, ଝାଉଳା ରୋଗ ଓ ଅନ୍ୟାନ୍ୟ ରୋଗର ଲକ୍ଷଣ ପାଇଁ ଫସଲକୁ ନିୟମିତ ଯାଞ୍ଚ କରନ୍ତୁ ।<br>• କୀଟପତଙ୍ଗ ଓ ରୋଗର ବିସ୍ତାର ହ୍ରାସ କରିବା ପାଇଁ ଅଧିକ ଆକ୍ରାନ୍ତ କିମ୍ବା ରୋଗାକ୍ରାନ୍ତ ଗଛର ଅଂଶଗୁଡ଼ିକୁ ନିୟମିତ ଭାବେ ବାହାର କରି ନଷ୍ଟ କରିଦିଅନ୍ତୁ ।<br>• ଶୁଷ୍କ ଓ ଖରା ପାଗ ସମୟରେ ଘାସବଛା ଓ ଅନ୍ତଃଚାଷ କାର୍ଯ୍ୟ କରି କ୍ଷେତକୁ ଘାସମୁକ୍ତ ରଖିବା ସହ ମାଟିରେ ବାୟୁ ଚଳାଚଳ ଉନ୍ନତ କରନ୍ତୁ । |
| କଦଳୀ | ଅଙ୍ଗିୟ ଅବସ୍ଥା / ଫଳ ଅବସ୍ଥା | • କଦଳୀ ବଗିଚାରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଏବଂ ମୂଳର କ୍ଷତି ଓ ପାନାମା ରୋଗକୁ ରୋକିବା ପାଇଁ ଖେତରେ ଜମିଥିବା ପାଣିକୁ ତୁରନ୍ତ ନିଷ୍କାସନ କରନ୍ତୁ ।<br>• ଅଧିକ ଉଚ୍ଚ ଓ କାନ୍ଧି ଧରିଥିବା କଦଳୀ ଗଛଗୁଡ଼ିକ ବର୍ଷା ଓ ପ୍ରବଳ ପବନ ଯୋଗୁଁ ଭାଙ୍ଗି/ଉପୁଡ଼ି ନ ପଡୁ ସେଥିପାଇଁ ବାଉଁଶ କିମ୍ବା ଉପଯୁକ୍ତ ସାମଗ୍ରୀ ସାହାଯ୍ୟରେ ଗଛଗୁଡ଼ିକୁ ଭରା ଦିଅନ୍ତୁ ।<br>• ବଗିଚାରେ ଉପଯୁକ୍ତ ପରିଛନ୍ନତା ବଜାୟ ରଖିବା ସହ ଝଡ଼ି ପଡ଼ିଥିବା ଏବଂ ରୋଗାକ୍ରାନ୍ତ ଗଛପତ୍ର ବା ଅବଶେଷଗୁଡ଼ିକୁ ହଟାଇ ଦିଅନ୍ତୁ ।<br>• ଜମି ଅତ୍ୟଧିକ ଓଦା ଥିବା ସମୟରେ ସାର ପ୍ରୟୋଗ ଏବଂ କୀଟନାଶକ କିମ୍ବା କବକନାଶକ ସିଞ୍ଚନ କରନ୍ତୁ ନାହିଁ । |
| ଭେଣ୍ଡି | ଅଙ୍ଗିୟ ଅବସ୍ଥା / ଫୁଲ ଓ ଫଳ ଅବସ୍ଥା | • ଭେଣ୍ଡି ଫସଲରେ ଜଉ ପୋକ, ଧଳାମାଛି, ଉକୁଣିଆ ପୋକ ଏବଂ କାଣ୍ଡ ଓ ଫଳବିନ୍ଧା ପୋକର ଆକ୍ରମଣ ପାଇଁ ନିୟମିତ ଭାବେ ଫସଲ ନିରୀକ୍ଷଣ କରନ୍ତୁ । କାଣ୍ଡ ଓ ଫଳବିନ୍ଧା ପୋକର ବିସ୍ତାର ହ୍ରାସ କରିବା ପାଇଁ ଆକ୍ରାନ୍ତ କାଣ୍ଡ ଓ ଫଳଗୁଡ଼ିକୁ ନିୟମିତ ବ୍ୟବଧାନରେ ବାହାର କରି ନଷ୍ଟ କରିଦିଅନ୍ତୁ ।<br>• ବିଶେଷକରି ଅଙ୍ଗିୟ ବିକାସ ଅବସ୍ଥାରେ ସମୟୋଚିତ ଘାସବଛା ଓ ଅନ୍ତଃଚାଷ କାର୍ଯ୍ୟ କରି କ୍ଷେତକୁ ଘାସମୁକ୍ତ ରଖନ୍ତୁ ।<br>• ଭେଣ୍ଡି ଫସଲରେ ହଳଦିଆ ଶିରା ମୋଜାଇକ୍ ଭାଇରସ୍, ପାଉଡରି ମିଲ୍ଡିଉ, ପତ୍ରଦାଗ ଓ ଅନ୍ୟାନ୍ୟ ରୋଗର ଲକ୍ଷଣ ପାଇଁ ନିୟମିତ ଭାବେ ଫସଲ ଯାଞ୍ଚ କରନ୍ତୁ । ଅଧିକ ଆକ୍ରାନ୍ତ ଗଛଗୁଡ଼ିକୁ ବାହାର କରି ନଷ୍ଟ କରନ୍ତୁ ଏବଂ କ୍ଷେତରେ ପରିଷ୍କାର-ପରିଚ୍ଛନ୍ନତା ବଜାୟ ରଖନ୍ତୁ ।<br>• ଫୁଲ ଓ ଫଳ ଧରିବା ଅବସ୍ଥାରେ ଅନାବଶ୍ୟକ ଭାବେ ନାଇଟ୍ରୋଜେନ୍ ସାର ପ୍ରୟୋଗ କରନ୍ତୁ ନାହିଁ ।<br>• ନିରନ୍ତର ଫୁଲ ଓ ଫଳ ଉତ୍ପାଦନକୁ ଉତ୍ସାହିତ କରିବା ପାଇଁ ପରିପକ୍ୱ ଫଳଗୁଡ଼ିକୁ ନିୟମିତ ବ୍ୟବଧାନରେ ତୋଳନ୍ତୁ ।<br>• କୀଟନାଶକ କିମ୍ବା ଅନ୍ୟାନ୍ୟ ଔଷଧ ସିଞ୍ଚନ କେବଳ ସଫା ଓ ଶୁଷ୍କ ପାଗରେ କରନ୍ତୁ । |

| ଟମାଟୋ/ ବିଲାତି ବାଇଗଣ | ଅଙ୍ଗିୟ ଅବସ୍ଥା/ ଫୁଲ ଓ ଫଳ ଅବସ୍ଥା | • ଜଳ ନିଷ୍କାସନର ସୁବ୍ୟବସ୍ଥା କରନ୍ତୁ ଏବଂ ଜମିରୁ ଜମା ପାଣି ବାହାର କରନ୍ତୁ, ଯାହାଦ୍ୱାରା ମୂଳ ଓ କାଣ୍ଡ ପଚା ରୋଗରୁ ରକ୍ଷା ମିଳିପାରିବ ।<br>• ଠିଆ ଫସଲକୁ ଆବଶ୍ୟକ ଯାନ୍ତ୍ରିକ ସହାୟତା ପ୍ରଦାନ କରନ୍ତୁ ।<br>• ଆଗୁଆ ପତ୍ର ଝାଉଁଳା ଓ ପତ୍ର ଦାଗ ରୋଗ ପାଇଁ ନିୟମିତ ନିରୀକ୍ଷଣ କରନ୍ତୁ, ଆକ୍ରାନ୍ତ ପତ୍ର ସଂଗ୍ରହ କରି ନଷ୍ଟ କରନ୍ତୁ ଏବଂ କ୍ଷେତରେ ପରିଷ୍କାରତା ବଜାୟ ରଖନ୍ତୁ।<br>• ଫଳ ବିନ୍ଧା ପୋକ ଓ ପତ୍ର ସୁଢ଼ଙ୍ଗି ପୋକ ଉପରେ ନଜର ରଖନ୍ତୁ, ଆକ୍ରାନ୍ତ ଫଳ ଓ ଡାଳ କାଢ଼ି ନଷ୍ଟ କରନ୍ତୁ ଏବଂ ଆବଶ୍ୟକ ସ୍ଥଳେ ଫେରୋମୋନ ଫାଶ ବ୍ୟବହାର କରନ୍ତୁ ।<br>• ଧଳାମାଛି ଓ ପତ୍ର କୁଞ୍ଚନ ଲକ୍ଷଣ ଦେଖାଗଲେ ଆକ୍ରାନ୍ତ ଗଛକୁ ଉପାଡ଼ି ନଷ୍ଟ କରନ୍ତୁ ଏବଂ ବାହକ ପୋକର ନିୟନ୍ତ୍ରଣ କରନ୍ତୁ ।<br>• ପତ୍ର ଦାଗ କିମ୍ବା ଆଗୁଆ ପତ୍ର ଝାଉଁଳା ରୋଗ ପ୍ରକୋପ ଦେଖାଦେଲେ ଗୋଟେ ଲିଟର ପାଣିରେ ୨.୫ ଗ୍ରାମ ମାନକୋଜେବ ୭୫% ଡବ୍ଲୁ.ପି.କୁ ମିଶାଇ ସଫା ପାଗରେ ଖେତରେ ଛିଞ୍ଚନ୍ତୁ । |
|---|---|---|
| ପଶୁ ପାଳନ | • ବର୍ତ୍ତମାନର ଆର୍ଦ୍ର ପାଗର ସ୍ଥିତିରେ, କୃଷକମାନଙ୍କୁ ପଶୁ ରହୁଥିବା ଗୁହାଳକୁ ପରିଷ୍କାର, ଶୁଷ୍କ ଓ ଭଲ ବାୟୁ ଚଳାଚଳ ହେଉଥିବା ଅବସ୍ଥାରେ ରଖିବାକୁ ପରାମର୍ଶ ଦିଆଯାଉଛି ।<br>• ପଶୁମାନଙ୍କୁ ପରିଷ୍କାର ପାନୀୟ ଜଳ ଓ ଶୁଷ୍କ ଖାଦ୍ୟ ଯୋଗାଇବା ସହିତ ଜଳବାହିତ, ରୋଗବାହକଜନିତ ଓ ପରଜୀବୀଜନିତ ରୋଗର ଲକ୍ଷଣ ପାଇଁ ନିୟମିତ ଭାବେ ପଶୁମାନଙ୍କୁ ନିରୀକ୍ଷଣ କରନ୍ତୁ ।<br>• ପଶୁଖାଦ୍ୟ ଓ ଶୁଖିଲା ଘାସକୁ ଶୁଷ୍କ ରଖିବା ସହିତ ଆର୍ଦ୍ରତା ଓ ଦୂଷିତ ହେବାରୁ ସୁରକ୍ଷିତ ରଖନ୍ତୁ ।<br>• ସମ୍ଭବ ହେଲେ, ଶୁଷ୍କ ଓ ଖରା ପାଗ ସମୟରେ ଗୁହାଳ ସଫା କରିବା, ଜୀବାଣୁମୁକ୍ତ କରିବା ଏବଂ ଅନ୍ୟାନ୍ୟ ପଶୁପାଳନ କାର୍ଯ୍ୟ କରିନିଅନ୍ତୁ ।<br>• ଆଗକୁ ଘଡ଼ଘଡ଼ି ଏବଂ ବିଜୁଳିର ସମ୍ଭାବନା ଥିବାରୁ ପଶୁମାନଙ୍କୁ କୌଣସି ପ୍ରକାରର ବୈଦ୍ୟୁତିକ ଉପକରଣଠାରୁ ଦୂରେଇ ରଖନ୍ତୁ ଏବଂ ଖୋଲା ସ୍ଥାନରେ ବାନ୍ଧନ୍ତୁ ନାହିଁ । | |


| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |
|---|---|


---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ )https://play.google.com/store/apps/details?id=com.imd.masuam(.।